ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ASSIGNMENTS
# ଦତ୍ତକର୍ମ

**Bachelor of Arts (Honours) in Odia (BAOD)**

**ସ୍ନାତକ ( ସମ୍ମାନ ) ଓଡ଼ିଆ ପାଠ୍ୟକ୍ରମ**

**Semester-1**

SESSION: 2020-21

ଶିକ୍ଷାବର୍ଷ: ୨୦୨୦-୨୧

ଉତ୍ତର ଲେଖିବା ପୂର୍ବରୁ ନିୟମାବଳୀକୁ ଭଲଭାବରେ ପାଠକରନ୍ତୁ ।

# ନିୟମାବଳୀ

# ସ୍ନାତକ ( ସମ୍ମାନ ) ଓଡ଼ିଆ ପାଠ୍ୟକ୍ରମ

## ଦତ୍ତକର୍ମ

## ଶିକ୍ଷାବର୍ଷ- ୨୦୨୦-୨୧

ପ୍ରିୟ ବିଦ୍ୟାର୍ଥୀଗଣ,

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ,ସମ୍ବଲପୁର ଦ୍ୱାରା ପ୍ରସ୍ତୁତ ଏବଂ ପରିବେଷିତ **ସ୍ନାତକ ( ସମ୍ମାନ ) ଓଡ଼ିଆ ପାଠ୍ୟକ୍ରମ** ଆପଣମାନଙ୍କୁ ସ୍ୱାଗତ।

ନିର୍ଦ୍ଧାରିତ ସମୟ ମଧରେ ପ୍ରତିଟି ପାଠ୍ୟକ୍ରମ ପାଇଁ ଆପଣମାନଙ୍କୁ ଦୁଇଟି ଲେଖାଏଁ ଦତ୍ତକର୍ମ ପ୍ରସ୍ତୁତକରି ଦାଖଲ କରିବାକୁ ହେବ। ତାହାଦ୍ୱାରା ନିର୍ଦ୍ଧାରିତ ସମୟରେ ନିରୂପିତ ଅନ୍ତିମ ପରୀକ୍ଷା ଦେବାର ଯୋଗ୍ୟତା ଆପଣମାନେ ଅର୍ଜନ କରିପାରିବେ। ଏସବୁ ଦତ୍ତକର୍ମ ଆପଣମାନଙ୍କ ପଠନ କେନ୍ଦ୍ରର ପରାମର୍ଶଦାତାମାନଙ୍କ ଦ୍ୱାରା ମୂଲ୍ୟାୟନ କରାଯିବ। ତେଣୁ, ଆପଣମାନେ ଏହାକୁ ନିଜ ପଠନ କେନ୍ଦ୍ରର ସଂଯୋଜକଙ୍କ ନିକଟରେ ଦାଖଲ କରିବେ।ଦତ୍ତକର୍ମ ଉତ୍ତର ଲେଖିବା ପୂର୍ବରୁ ପାଠ୍ୟ ବିଷୟବସ୍ତୁ ଉପରେ ଅତ୍ୟନ୍ତ ମନଯୋଗୀ ଦୃଷ୍ଟିରଖନ୍ତୁ। ଏଥି ସଂପର୍କିତ ନିର୍ଦ୍ଦେଶାବଳୀକୁ ପାଠ କରନ୍ତୁ। ଆପଣମାନଙ୍କ ନିକଟରେ ଉପଲବ୍ଧ ପାଠ୍ୟ ଉପକରଣ କିମ୍ବା ସେଭଳି କିଛି ବହିରୁ ନକଲ କରିବାକୁ ଚେଷ୍ଟା କରନ୍ତୁ ନାହିଁ। ଆପଣମାନଙ୍କୁ ପରାମର୍ଶ ଛଳରେ ଏତିକି କୁହାଯାଇପାରିବ ଯେ ପାଠ୍ୟଉପକରଣଗୁଡ଼ିକୁ ମନଦେଇ ପାଠ କରି ବୁଝିବାକୁ ଚେଷ୍ଟାକରନ୍ତୁ ଏବଂ ଯଥାସମ୍ଭବ ନିଜଭାଷା ଓ ଶୈଳୀରେ ଉତ୍ତର ଲେଖିବାକୁ ଲେଖନ୍ତୁ। ଯଦ୍ୱାରା ଆପଣମାନେ ଭଲ ଗ୍ରେଡ୍/ ନମ୍ବର ପାଇ ପାରିବେ।

**ଦତ୍ତକର୍ମର ଉଦ୍ଦେଶ୍ୟ :**

ମୁକ୍ତ ଓ ଦୂର ଶିକ୍ଷା ପାଠ୍ୟକ୍ରମ କ୍ଷେତ୍ରରେ ଦତ୍ତକର୍ମଗୁଡ଼ିକ ନିରବଚ୍ଛିନ୍ନ ମୂଲ୍ୟାୟନ ପ୍ରକ୍ରିୟାର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ। ଦତ୍ତକର୍ମ ଗୁଡ଼ିକରେ ଆପଣମାନେ ଯେଉଁଗ୍ରେଡ୍/ ମାର୍କ ଅର୍ଜନ କରିଥାଆନ୍ତି,ସେସବୁ ଆପଣମାନଙ୍କର ଶେଷ ପର୍ଯ୍ୟାୟ ନିରୂପିତ ଅନ୍ତିମ ପରୀକ୍ଷାରେ ଉତ୍ତର ଫଳାଫଳକୁ ପ୍ରଭାବିତ କରିବ। ଦତ୍ତକର୍ମରେ ଭଲ ଗ୍ରେଡ୍ / ମାର୍କ ରଖିଲେ ଆପଣମାନଙ୍କ ମୋଟାମୋଟି ପରୀକ୍ଷା ଫଳ ଖୁବ୍ ଭଲ ହେବ। ମୁକ୍ତ ଓ ଦୂର ଶିକ୍ଷା ପଠନ କ୍ଷେତ୍ରରେ ଦତ୍ତକର୍ମ ଗୋଟିଏ ବେଶ୍ ଗୁରୁତ୍ୱପୂର୍ଣ୍ଣ ଅଂଶ। ଦତ୍ତକର୍ମର ମୂଲ୍ୟାୟନ ପରେ ମୂଲ୍ୟାୟନକାରୀଙ୍କ ଦ୍ୱାରା ପ୍ରଦତ୍ତ ନିର୍ଦ୍ଦିଷ୍ଟ / ସାଧାରଣ ମନ୍ତବ୍ୟ ସହିତ ସେଗୁଡ଼ିକୁ ଆପଣମାନଙ୍କୁ ଫେରସ୍ତ କରି ଦିଆଯିବ। ଫଳରେ ଆପଣମାନେ ନିଜର ଦୁର୍ବଳତା ଓ ଭଲ ଦିଗଗୁଡ଼ିକ ଜାଣିପାରିବେ। ତାହାଦ୍ୱାରା ଶିକ୍ଷାର୍ଥୀ ଓ ମୂଲ୍ୟାୟନକାରୀ (ପରାମର୍ଶଦାତା) ଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ମଧ୍ୟ ଉତ୍ତମ ହୋଇପାରିବ।

**ଦତ୍ତକର୍ମ ଲେଖିବେ କିପରି ?**

୧. ଉତ୍ତର ଖାତାର ସର୍ବୋଚ୍ଚ ସ୍ଥାନରେ ଆପଣମାନଙ୍କ ନାମ, ପାଠ୍ୟକ୍ରମର କୋଡ୍,ପାଠ୍ୟକ୍ରମର ନାମ, ନାମଲେଖା କ୍ରମିକ ସଂଖ୍ୟା, ଶିକ୍ଷାକେନ୍ଦ୍ରର କୋଡ ନମ୍ବର ଉଲ୍ଲେଖ କରିବେ।

୨. ଉତ୍ତରଗୁଡ଼ିକ ନିଜ ହସ୍ତାକ୍ଷରରେ ଲେଖିବେ। ପ୍ରତି ପୃଷ୍ଠାର ବାମ ପାର୍ଶ୍ୱରେ ଏବଂ ପ୍ରତି ଅନୁଚ୍ଛେଦ ପରେ ମୂଲ୍ୟାୟନକାରୀ ତାଙ୍କ ମନ୍ତବ୍ୟ ଲେଖି ପାରୁଥିବା ଭଳି ଯଥେଷ୍ଟ ସ୍ଥାନ ଖାଲି ରଖିବେ।

୩. ପ୍ରତିଟି ପ୍ରଶ୍ନ ପାଇଁ ନିର୍ଦ୍ଧାରିତ ଶବ୍ଦ ସୀମା ଅନୁସରଣ କରବେ।

୪. ଆପଣମାନଙ୍କ ହସ୍ତାକ୍ଷର ସ୍ୱଷ୍ଟ ଏବଂ ପଠନ ଉପଯୋଗୀ ହେବା ବିଧେୟ।

**ଦତ୍ତକର୍ମର ଭୂମିକା :**

୧. ପ୍ରତିଟି ଦତ୍ତକର୍ମ ଗୋଟିଏ ମୂଲ୍ୟାଙ୍କନର ଶତକଡା ୨୫ ଭାଗ ଗୁରୁତ୍ୱ ବହନ କରିବ ଏବଂ ନିରୂପିତ ଅନ୍ତିମ ପରୀକ୍ଷା ଅବଶିଷ୍ଟ ଶତକଡା ୭୫ ଭାଗର ଗୁରୁତ୍ୱ ବହନ କରିବ।

୨. ପ୍ରତିଟି ଦତ୍ତକର୍ମ ୧୦୦ ନମ୍ବର ବିଶିଷ୍ଟ ହେବ। ମାତ୍ର ଏହା ନିରୂପିତ ଅନ୍ତିମ ପରୀକ୍ଷାର ଶତକଡା ୨୫ ଭାଗ ଗୁରୁତ୍ୱ ବହନ କରିବ।

୩. ଆପଣମାନଙ୍କୁ ସର୍ବନିମ୍ନ ପାସ୍ ହାର ଅର୍ଥାତ୍ ପ୍ରତି ଦତ୍ତକର୍ମରେ ଅନ୍ତତଃ ୪୦ ନମ୍ବର ଅର୍ଜନ କରିବାକୁ ହେବ। ଆପଣମାନେ ଯଦି ଦତ୍ତକର୍ମର ଉତ୍ତର ପ୍ରଦାନ କରିବେ ନାହିଁ କିମ୍ବା ତହିଁରେ ଫେଲ୍ ନମ୍ବର ରଖିବେ, ତେବେ ପରବର୍ତ୍ତୀ ବର୍ଷରେ ଆପଣମାନଙ୍କୁ ଆଉ ଥରେ ଦତ୍ତକର୍ମ ଦାଖଲ କରିବାକୁ ହେବ।

# Bachelor of Arts (Honours) in Odia (BAOD)

## ସ୍ନାତକ ( ସମ୍ମାନ ) ଓଡ଼ିଆ ପାଠ୍ୟକ୍ରମ

**(ଦତ୍ତକର୍ମ ଜମା କରିବାର ସମୟସୀମା)**

**ସେମିଷ୍ଟର (0୧)**

| ପାଠ୍ୟକ୍ରମ ସଂଖ୍ୟା | ପାଠ୍ୟକ୍ରମ ଶୀର୍ଷକ | ଦାଖଲ ତାରିଖ |
|---|---|---|
| ୦୧ | ପ୍ରାଚୀନ ଓଡ଼ିଆ ସାହିତ୍ୟର ଇତିହାସ | ୨୮ .୦୨. ୨୦୨୧ |
| ୦୨ | ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ | ୨୮ .୦୨. ୨୦୨୧ |

# ସ୍ନାତକ ( ସମ୍ମାନ ) ଓଡ଼ିଆ ପାଠ୍ୟକ୍ରମ

## ପ୍ରାଚୀନ ଓଡ଼ିଆ ସାହିତ୍ୟର ଇତିହାସ

ଶିକ୍ଷାବର୍ଷ- ୨୦୨୦-୨୧

ଦତ୍ତକର୍ମ -୧

ପୂର୍ଣ୍ଣସଂଖ୍ୟା -୧୦୦

( ସମସ୍ତ ବିଭାଗ ବାଧ୍ୟତାମୂଳକ )

୨X ୧୦ =୨୦

୧ ) ସମସ୍ତ ପ୍ରଶ୍ନର ଉତ୍ତର ଲେଖ ।

କ) ଅଶୋକ ଅନୁତାପ ସତ୍ତ୍ୱେ ସମର ପାଇଁ ଆହ୍ୱାନ କାହିଁକି ଦେଲେ ?

ଖ )ଧଉଳି ଓ ଜଉଗଡ ଶିଳାଲେଖରେ ପ୍ରତିଫଳିତ ଓଡ଼ିଆ ସମାଜ ସମ୍ପର୍କରେ ସଂକ୍ଷେପରେ ଲେଖ ?

ଗ ) ହାତୀଗୁମ୍ଫା ଶିଳାଲେଖରେ ସ୍ଥାନୀତ ତତ୍କାଳୀନ ଶିକ୍ଷା ବ୍ୟବସ୍ଥା କିପରି ଥିଲା ?

ଘ ) ଓଡ଼ିଆ ଭାଷାକୁ ରାଜଭାଷାର ସ୍ୱୀକୃତି କାହିଁକି ମିଳିପାରିଲା ?

ଙ ) ସାରଳା ଦାସଙ୍କ ଚଣ୍ଡୀପୁରାଣରେ କ'ଣ ମୌଳିକତା ରହିଛି ?

ଚ )ସରସ୍ୱତୀ ବିଳାସମ୍ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦିଅ ?

ଛ ) ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦିଅ?

ଜ ) ଅଚ୍ୟୁତାନନ୍ଦ ଦାସଙ୍କ ସୃଷ୍ଟିରେ ରାଧାଙ୍କ ସଂକ୍ଷିପ୍ତ ସୂଚନା ଦିଅ ?

ଝ ) ଭାଗବତର ୨୪ ଗୁରୁଙ୍କ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦିଅ ?

ଞ ) ଜଗନ୍ନାଥ ଦାସ ଓ ବଳରାମ ଦାସ ମଧ୍ୟରେ ସମ୍ପର୍କ କ'ଣ ଥିଲା ?

୨ ) ସମସ୍ତ ପ୍ରଶ୍ନର ଉତ୍ତର ଲେଖ । ୨୦ X ୪ = ୮୦

କ) ଚର୍ଯ୍ୟା ସାହିତ୍ୟ ରଚନାର ରାଜନୈତିକ ପୃଷ୍ଠଭୂମି ଆଲୋଚନା କର ।

ଖ )ଓଡ଼ିଆ ସାହିତ୍ୟ ସୃଷ୍ଟିର କପିଳେନ୍ଦ୍ର ଦେବଙ୍କ ଭୂମିକା ନିରୂପଣ କର ।

ଗ )ପଞ୍ଚସଖା ସାହିତ୍ୟ ପଛରେ ରହିଥିବା ରାଜନୈତିକ କାରଣ ଦର୍ଶାଅ ।

ଘ )ଅର୍ଥ କୋଇଲିର ନାମକରଣ ଓ ବୈଶିଷ୍ଟ୍ୟ ଦର୍ଶାଅ ।

BAOD 1

**SET 2**

# ସ୍ନାତକ ( ସମ୍ମାନ ) ଓଡ଼ିଆ ପାଠ୍ୟକ୍ରମ

**ପ୍ରାଚୀନ ଓଡ଼ିଆ ସାହିତ୍ୟର ଇତିହାସ**

ଶିକ୍ଷାବର୍ଷ- ୨୦୨୦-୨୧

ଦତ୍ତକର୍ମ -୨

ପୂର୍ଣ୍ଣସଂଖ୍ୟା -୧୦୦

( ସମସ୍ତ ବିଭାଗ ବାଧ୍ୟତାମୂଳକ )

୨X ୧୦ =୨୦

୧ ) ସମସ୍ତ ପ୍ରଶ୍ନର ଉତ୍ତର ଲେଖ ।

କ)ନାଥ ସାହିତ୍ୟରେ ତତ୍କାଳୀନ ସାମାଜିକ ବିଧିବ୍ୟବସ୍ଥା ସଂକ୍ଷିପ୍ତରେ ଲେଖ ?

ଖ )ସାରଳାଙ୍କ ଦୃଷ୍ଟିରେ ଧର୍ମ କଣ ?

ଗ ) ସାରଳା ମହାଭାରତରେ ଓଡ଼ିଶା ସମ୍ପର୍କରେ କଣ ବର୍ଣ୍ଣନା ରହିଛି ?

ଘ )ଭୀଷ୍ମ କଣ ଉପଦେଶ ଦେଇଥିଲେ ?

ଙ ) ସାରଳା ଦାସଙ୍କ ସାହିତ୍ୟକୃତି ସମ୍ପର୍କରେ ସଂକ୍ଷେପରେ ଲେଖ ?

ଚ ) ପଞ୍ଚସଖା ରଚନାବଳୀର ବିଶେଷତ୍ୱ କଣ ?

ଛ ) ବ୍ରହ୍ମାଣ୍ଡ ଭୂଗୋଳ ବିଷୟରେ ସଂକ୍ଷିପ୍ତରେ ଲେଖ ?

ଜ ) ଅଚ୍ୟୁତାନନ୍ଦଙ୍କ ଜନ୍ମବୃତ୍ତାନ୍ତ ଲେଖ ?

ଝ ) କୋଇଲି ଓ ଅର୍ଥକୋଇଲି ମଧରେ କଣ ପାର୍ଥକ୍ୟ ଅଛି ?

ଞ ) ପ୍ରେମଭକ୍ତି ବ୍ରହ୍ମଗୀତା ସମ୍ପର୍କରେ ସଂକ୍ଷେପରେ ଲେଖ ?

୨ ) ସମସ୍ତ ପ୍ରଶ୍ନର ଉତ୍ତର ଲେଖ ।    ୨୦ X ୪ = ୮୦

କ) ପ୍ରାଚୀନ ଶିଳାଲେଖ ରଚନାର ସାମାଜିକ ମୂଲ୍ୟାଙ୍କନ କର ।

ଖ )ଓଡ଼ିଆ ସମାଜର ଜ୍ୱଳନ୍ତ ଚିତ୍ରାୟନ ହେଉଛି ସାରଳା ମହାଭାରତ ସଦୃଷ୍ଟାନ୍ତ ଆଲୋଚନା କର ।

ଗ ) ଭାଗବତର ଭାଷା ହେଉଛି ଆଜିର ମାନକ ଓଡ଼ିଆର ଜନକ ପ୍ରମାଣ କର ।

ଘ ) ଯଶୋବନ୍ତଙ୍କ ସୃଜନକଳା ଓ ସାମାଜିକ ଅଙ୍ଗୀକାରବଦ୍ଧତା ସମ୍ବନ୍ଧରେ ତଥ୍ୟ ଉପସ୍ଥାପନ କର ।

BAOD 2

**SET 1**

# ସ୍ନାତକ ( ସମ୍ମାନ ) ଓଡ଼ିଆ ପାଠ୍ୟକ୍ରମ

ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ

ଶିକ୍ଷାବର୍ଷ- ୨୦୨୦-୨୧

ଦତ୍ତକର୍ମ -୧

ପୂର୍ଣ୍ଣସଂଖ୍ୟା -୧୦୦

( ସମସ୍ତ ବିଭାଗ ବାଧ୍ୟତାମୂଳକ )

୨X ୧୦ =୨୦

୧ ) ସମସ୍ତ ପ୍ରଶ୍ନର ଉତ୍ତର ଲେଖ ।

ସଂକ୍ଷିପ୍ତ ଟିପପଣୀ ଲେଖ

କ) ଯଦୁନାଥ ସରକାରଙ୍କ ଓଡ଼ିଶା ଲୁଣ୍ଠନ

ଖ )ଜଗନ୍ନାଥ ମନ୍ଦିର ଲୁଣ୍ଠନ

ଗ ) ଗୀତଗୋବିନ୍ଦ

ଘ ) ଅନୁପ୍ରାସ ଅଳଙ୍କାର

ଙ )ଓଡ଼ିଆ ବୃତ୍ତ

ଚ ) ବ୍ୟଭିଚାରୀ ଭାବ

ଛ )ଶାନ୍ତ ରସ

ଜ ) ହାସ୍ୟରସ

ଝ )ଗୋପାଳକୃଷ୍ଣଙ୍କ ଭକ୍ତି କବିତା

ଞ )କେଶବ କୋଇଲି

୨ ) ସମସ୍ତ ପ୍ରଶ୍ନର ଉତ୍ତର ଲେଖ ।  ୨୦ X ୪ = ୮୦

କ) ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ ସାହିତ୍ୟ ସୃଷ୍ଟିର ରାଜନୈତିକ ପୃଷ୍ଠଭୂମି ଆଲୋଚନା କର ।

ଖ )ପ୍ରକୃତିର ମାନବାୟନ ହେଉଛି ରୀତି ସାହିତ୍ୟର ବିଶେଷତ୍ୱ ଆଲୋଚନା କର ।

ଗ ) ଉପେନ୍ଦ୍ର କାବ୍ୟାଦର୍ଶ ଓ ଭାବାଦର୍ଶ ମଧ୍ୟରେ ଥିବା ସମ ଓ ବିଷମ ସ୍ଥିତି ଆଲୋଚନା କର ।

ଘ ) କୋଇଲି ଓ ଚଉତିଶା ମଧ୍ୟରେ ଥିବା ସମ୍ପର୍କ ସଦୃଷ୍ଟାନ୍ତ ନିରୂପଣ କର ।

BAOD 2

**SET 2**

# ସ୍ନାତକ ( ସମ୍ମାନ ) ଓଡ଼ିଆ ପାଠ୍ୟକ୍ରମ

**ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ**

ଶିକ୍ଷାବର୍ଷ- ୨୦୨୦-୨୧

ଦତ୍ତକର୍ମ -୨

ପୂର୍ଣ୍ଣସଂଖ୍ୟା -୧୦୦

( ସମସ୍ତ ବିଭାଗ ବାଧ୍ୟତାମୂଳକ )

୨X ୧୦ =୨୦

୧ ) ସମସ୍ତ ପ୍ରଶ୍ନର ଉତ୍ତର ଲେଖ ।

ସଂକ୍ଷିପ୍ତ ଟିପପଣୀ ଲେଖ

କ) ସାହିତ୍ୟ ଦର୍ପଣ

ଖ )ନାଟ୍ୟଶାସ୍ତ୍ର

ଗ )ସଙ୍ଗୀତ କଳା

ଘ ) ଯମକ ଅଳଙ୍କାର

ଙ ) ଓଡ଼ିଆ ରାଗ ଓ ରାଗିଣୀ

ଚ )ରସ ବିଚାରରେ ବିଭାବ

ଛ )ରସ

ଜ ) ଶୃଂଗାର

ଝ ) ଷୋଡ଼ଶା

ଞ ) କଳସା ଚଉତିଶା

୨ ) ସମସ୍ତ ପ୍ରଶ୍ନର ଉତ୍ତର ଲେଖ । ୨୦ X ୪ = ୮୦

କ )ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ ସାହିତ୍ୟ ସୃଷ୍ଟିର ସାହିତ୍ୟିକ ପୃଷ୍ଠଭୂମି ଆଲୋଚନା କର ।

ଖ ) ଓଡ଼ିଶୀ ସଂଗୀତ ପରମ୍ପରାରେ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ ସାହିତ୍ୟର ଭୂମିକା ନିର୍ଦ୍ଧାରଣ କର ।

ଗ) ରସନିଷ୍ପତ୍ତି କିପରି ହୁଏ ଆଲୋଚନା କର ।

ଘ ) ଓଡ଼ିଆ ଗୀତି କବିତାରେ ଚଉପଦୀର ସ୍ଥାନ ନିରୂପଣ କର ।